ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୦୦ ● ପାଉଣ୍ଡ ୧୨୧.୫୩
- ୟୁରୋ ୧୦୫.୫୨ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୯,୬୩୦ (ଭୁବନେଶ୍ୱର)
- ରୁପା : ୩,୨୫,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୧୮୦.୦୦
- ନିଫ୍ଟି ୨୫,୨୩୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଗ୍ରୀନଲ୍ୟାଣ୍ଡ କବ୍‌ଜା କରିବାକୁ ଟ୍ରମ୍ପଙ୍କ ଜିଦ୍

# ଡୁବିଗଲା ଭାରତୀୟ ସେୟାର ବଜାର

## ୭୦୦ରୁ ଅଧିକ ଷ୍ଟକ୍ ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ



- ସେନ୍‌ସେକ୍ସ ୧୦୬୬ ପଏଣ୍ଟ ଖସିଲା
- ଗୋଟିଏ ଝଟ୍‌କାରେ ୧୨ ଲକ୍ଷ କୋଟି ସ୍ୱାହା
- ୫% ହ୍ରାସ ସହ ଧୋଇଗଲା ଇଷ୍ଟେଟ୍ କ୍ଷେତ୍ର
- ବଢ଼ିଲା ବାଣିଜ୍ୟ ଯୁଦ୍ଧ ବିପଦ

ମୁମ୍ବଇ,୨୦।୧(ଏଜେନ୍ସି): ମଙ୍ଗଳବାର ବିଶ୍ୱ ସମେତ ଘରୋଇ ସେୟାର ବଜାର ପାଇଁ ସବୁଠାରୁ ଖରାପ ଦିନ ଥିଲା। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଯୋଗୁ ଆଜି ସାରା ଦୁନିଆରେ ସେୟାର ବଜାର ଡୁବିଯାଇଛି। ଏଥିଯୋଗୁ ଆଜି ଭାରତୀୟ ସେୟାର ବଜାରରେ ହା ହା କାର ସ୍ଥିତି ଦେଖିବାକୁ ମିଳିଛି। ଏମିତିକି ବଜାର କାରବାରରେ ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ସେନ୍‌ସେକ୍ସ) ଓ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ୧ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। କାରବାରବେଳେ ନିଫ୍ଟି ୨୫,୨୦୦ ପଏଣ୍ଟ ତଳକୁ ଖସି ୪ ମାସର ସର୍ବନିମ୍ନ ସ୍ତରକୁ ଖସିଆସିଛି। ଏହି କାରଣରୁ ନିବେଶକଙ୍କୁ ପ୍ରାୟ ୧୨ ଲକ୍ଷ କୋଟି ଟଙ୍କାର ଝଟ୍‌କା ଲାଗିଛି। ବଜାର ବିଶେଷଜ୍ଞମାନେ ସେୟାର ବଜାରରେ ଏହି ହ୍ରାସ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗ୍ରୀନଲ୍ୟାଣ୍ଡ ମିଶ୍ରଣ ଜିଦ୍‌କୁ ଦାୟୀ କରିଛନ୍ତି। ଏହି ଭୂ-ରାଜନୈତିକ ଉତ୍ତେଜନା ଯୋଗୁ ଆମେରିକା ଏବଂ ୟୁରୋପ ମଧ୍ୟରେ ବାଣିଜ୍ୟ ଯୁଦ୍ଧର ଆଶଙ୍କା ବୃଦ୍ଧି କରିଛି।

ଟ୍ରମ୍ପ୍ ଗ୍ରୀନଲ୍ୟାଣ୍ଡର ମିଶ୍ରଣକୁ ବିରୋଧ କରୁଥିବା ୟୁରୋପୀୟ ସହଯୋଗୀଙ୍କଠାରୁ ଆମଦାନୀ ଉପରେ ଶୁଳ୍କ ଘୋଷଣା କରିଛନ୍ତି। ୟୁରୋପୀୟ ୟୁନିଅନ (ଇୟୁ) ନେତାମାନେ ଗୁରୁବାର ବ୍ରସେଲ୍ସରେ ଏକ ଜରୁରୀକାଳୀନ ସମ୍ମିଳନୀ ଆୟୋଜନ କରୁଛନ୍ତି, ଯାହା ଦ୍ୱାରା ପରିସ୍ଥିତି ଉପରେ ଆଲୋଚନା ଏବଂ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନିଆଯିବ। ବିଶ୍ୱ ବାଣିଜ୍ୟକୁ ନେଇ ଉତ୍ତେଜନା, କମ୍ପାନୀଗୁଡିକର ତୃତୀୟ ତ୍ରୈମାସିକ ପରିମାଣରେ ମିଶ୍ରିତ ଫଳାଫଳ ଓ ବିଦେଶୀ ନିବେଶକଙ୍କ ଲଗାତାର ବିକ୍ରି ଯୋଗୁ ବଜାର ଚାପରେ ରହିଛି। ମଙ୍ଗଳବାର କାରବାର ଶେଷ ବେଳକୁ ବିଏସ୍‌ଇର ୩୦ ସେୟାର ବିଶିଷ୍ଟ ପ୍ରମୁଖ ସୂଚକାଙ୍କ ସେନସେକ୍ସରେ ୧,୦୬୫.୭୮ ପଏଣ୍ଟ ବା ୧.୨୮% ହ୍ରାସ ପାଇ ୮୨,୧୮୦.୪୭ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଶେଷଥର ପାଇଁ ୨୦୨୫ ମେ' ୧୩ରେ ସେନସେକ୍ସରେ ୧୦୦୦ ପଏଣ୍ଟରୁ ଅଧିକ ହ୍ରାସ ଘଟିଥିଲା।

ସେହିପରି ନିଫ୍ଟିରେ ୩୫୩ ପଏଣ୍ଟ ବା ୧.୩୮% ହ୍ରାସ ଘଟି ୨୫,୨୩୨.୫୦ ପଏଣ୍ଟରେ କାରବାର ଶେଷ କରିଛି। ସ୍ମଲ୍ ଏବଂ ମିଡ୍-କ୍ୟାପ୍ ଷ୍ଟକ୍ରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ବିଏସ୍‌ଇ ମିଡ୍‌କ୍ୟାପ୍ ଏବଂ ବିଏସଇ ସ୍ମଲ୍‌କ୍ୟାପ୍ ଉଭୟ ରେ ୨%ରୁ ଅଧିକ ହ୍ରାସ ହୋଇଛି। ୭୦୦ରୁ ଅଧିକ ଷ୍ଟକ୍ ସେମାନଙ୍କର ୫୨ ସପ୍ତାହର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଆଜି ସମସ୍ତ କ୍ଷେତ୍ରର ଇଣ୍ଡେକ୍ସ ଲାଲ ସଙ୍କେତ ସହ ବନ୍ଦ ହୋଇଛି। ରିଅଲ୍ଟି କ୍ଷେତ୍ର ସବୁଠୁ ଅଧିକ ମାଡ଼ ସହିଛି। ଏଥିରେ ପ୍ରାୟ ୫% ହ୍ରାସ ଘଟିଥିଲା। ଅଟୋ, ଆଇଟି, ମିଡିଆ, ମେଟାଲ୍, ପିଏସୟୁ ବ୍ୟାଙ୍କ, ଫାର୍ମା, ତୈଳ ଏବଂ ଗ୍ୟାସ ଏବଂ ଉପଭୋକ୍ତା ଦୀର୍ଘସ୍ଥାୟୀ କ୍ଷେତ୍ରରେ ମଧ୍ୟ ୧.୫%ରୁ ୨.୫% ହ୍ରାସ ଘଟିଛି। ଏମିତିକି ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ୪୫୫.୭୮ ଲକ୍ଷ କୋଟିକୁ ହ୍ରାସ ପାଇଛି, ଯାହା ପୂର୍ବ କାରବାର ଦିନରେ ୪୬୫.୬୮ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାର ପୁଞ୍ଜି ଆଜି ପ୍ରାୟ ୯.୯୦ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଆଜି ଷ୍ଟକ୍ ବଜାରରେ ହ୍ରାସ ଏତେ ଅଧିକ ଥିଲା ଯେ ବିଏସ୍‌ଇ ସେନ୍‌ସେକ୍ସର ୩୦ ମଧ୍ୟରୁ ୨୯ ସେୟାର ହ୍ରାସ ସହିତ ଲାଲ ସଙ୍କେତରେ ବନ୍ଦ ହୋଇଥିଲା। ଏସୀୟ ବଜାରରେ କୋରିଆର କୋସ୍ପି ୦.୩୯% ହ୍ରାସ ଘଟିଥିବାବେଳେ ଜାପାନର ନିକେଇରେ ୧.୧୧%, ହଂକଂର ହ୍ୟାଙ୍ଗ ସେଙ୍ଗରେ ୦.୨୯% ହ୍ରାସ ପାଇ 26,487 ରେ ଏବଂ ଚୀନର ସାଂଘାଇ କମ୍ପୋଜିଟ୍ ଇଣ୍ଡେକ୍ସ ୦.୦୮୫% ହ୍ରାସ ଘଟିଛି।

### ଫେବୃଆରୀ ୪ରେ ମୁଦ୍ରାନୀତି ସମୀକ୍ଷା ବୈଠକ

## ମୁଦ୍ରାସ୍ଫୀତିରେ ବୃଦ୍ଧି ସତ୍ତ୍ୱେ ସୁଧ ହାର ଅପରିବର୍ତ୍ତିତ ରହିପାରେ

ନୂଆଦିଲ୍ଲୀ,୨୦।୧(ଏଜେନ୍ସି): ଫେବୃଆରୀ ପହିଲାରେ ବଜେଟ ଉପସ୍ଥାପନ ହେବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ଫେବୃଆରୀ ୪ ରୁ ୬ ତା ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି। ବୈଠକରେ ସୁଧ ହାର ଉପରେ ନିଷ୍ପତ୍ତି ନିଆଯିବ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଫେବୃଆରୀ ୬ରେ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବେ। ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଏବଂ ଅଶୋଧିତ ତୈଳ ମୂଲ୍ୟ ଏହାର ପ୍ରମୁଖ କାରଣ ହେବ। ଆର୍‌ବିଆଇ ରେପୋ ହାରରେ କୌଣସି ପରିବର୍ତ୍ତନ କରିବ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିବ। ହେଲେ କ୍ରିସିଲ୍ ଆକଳନ ଅନୁଯାୟୀ, ମୁଦ୍ରାସ୍ଫୀତିରେ ସାମାନ୍ୟ ବୃଦ୍ଧି ସତ୍ତ୍ୱେ ରେପୋ ହାର ଅପରିବର୍ତ୍ତିତ ରହିବ।

ଗତ ମୁଦ୍ରାନୀତି କମିଟି ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ କରି ୫.୨୫% କରିଥିଲା। ଏହା ସହିତ, କମିଟି ଏହାର ନୀତିଗତ ମନୋଭାବକୁ ନିରପେକ୍ଷ ଭାବରେ ବଜାୟ ରଖିଛି, ଅର୍ଥାତ୍ ଭବିଷ୍ୟତରେ ସୁଧ ହାର ନିଷ୍ପତ୍ତି କେବଳ ତଥ୍ୟ-ନିର୍ଭରଶୀଳ ଅର୍ଥନୈତିକ ତଥ୍ୟ ଉପରେ ଆଧାରିତ ହେବ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ଭବିଷ୍ୟତରେ ଯେକୌଣସି ସୁଧ ହାର ନିଷ୍ପତ୍ତି ପୂର୍ବନିର୍ଦ୍ଧାରିତ ଦିଗ ପରିବର୍ତ୍ତେ ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଏବଂ ଅନ୍ୟାନ୍ୟ ଅର୍ଥନୈତିକ ତଥ୍ୟ ଉପରେ ଆଧାରିତ ହେବ।

କ୍ରିସିଲ୍ ରିପୋର୍ଟରେ କହିଛି ଯେ, ମୁଦ୍ରାସ୍ଫୀତିରେ ଧୀରେ ଧୀରେ ବୃଦ୍ଧିକୁ ଦୃଷ୍ଟିରେ ରଖି ଆର୍‌ବିଆଇ ଆଗାମୀ ମୁଦ୍ରାନୀତି ସମୀକ୍ଷା ବୈଠକରେ ସୁଧ ହାର ସ୍ଥିର ରଖିପାରେ। ଦେଶର ଖୁଚୁରା ମୁଦ୍ରାସ୍ଫୀତି ନଭେମ୍ବରରେ ୦.୭୧% ଥିଲା, ଡିସେମ୍ବରରେ ଏହା ୧.୩୩%କୁ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ଆର୍‌ବିଆଇର ଲକ୍ଷ୍ୟ ସୀମା ୨% ରୁ ୪% ତଳେ ରହିଛି। ଆରବିଆଇ ଗଭର୍ଣ୍ଣର କହିଥିଲେ ଯେ ଭାରତର ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତି ବିରଳ ଗୋଲଡିଲକ୍ସ ପିରିୟଡ୍ ସହିତ ସମାନ, ଅର୍ଥାତ୍ ଏକ ସମୟ ଯେଉଁଥିରେ ଆର୍ଥିକ ଅଭିବୃଦ୍ଧି ଦୃଢ଼ ଏବଂ ମୁଦ୍ରାସ୍ଫୀତି ବହୁତ କମ୍ ରହିଥାଏ।

### ଗାଜା ଶାନ୍ତି ବୋର୍ଡ ଗଠନ ପ୍ରସଙ୍ଗ: ଫ୍ରାନ୍ସ-ଆମେରିକା ମୁହାଁମୁହିଁ

# ୨୦୦% ଟାରିଫ୍ ଲଗାଇବାକୁ ଟ୍ରମ୍ପ୍‌ଙ୍କ ଧମକ

- ମଦ ଓ ସାମ୍ପେନ୍ ଉପରେ ଲାଗିବ ୨୦୦% ଶୁଳ୍କ
- ପ୍ରଭାବହୀନ ଓ ଗ୍ରହଣୀୟ ନୁହେଁ:ମାକ୍ରନ୍

ନୂଆଦିଲ୍ଲୀ,୨୦।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଜିଦ୍‌ଖୋର ପ୍ରବୃତି ବଢ଼ିବାରେ ଲାଗିଛି। ତାଙ୍କ କଥାରେ ଯିଏ ରାଜି ହେଉନାହାନ୍ତି ଟ୍ରମ୍ପ୍ ତାଙ୍କ ବିରୁଦ୍ଧରେ ଟାରିଫ୍‌କୁ ହତିଆର ଭାବରେ ବ୍ୟବହାର କରୁଛନ୍ତି। ଆଉ ଏବେ ଏହି ଅସ୍ତ୍ରର ଶିକାର ହୋଇଛି ଫ୍ରାନ୍ସ। ଫ୍ରାନ୍ସରୁ ଆସୁଥିବା ମଦ ଓ ସାମ୍ପେନ ଉପରେ ୨୦୦% ଟାରିଫ୍ ଲଗାଇବାକୁ ଧମ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି। ଆମେରିକା ନେତୃତ୍ୱାଧୀନ ବୋର୍ଡ ଅଫ୍ ପିସ୍ (ଶାନ୍ତି ବୋର୍ଡ)ରେ ଯୋଗ ଦେବାକୁ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମନା କରିଦେବାରୁ ଟ୍ରମ୍ପ ଏହି ଘୋଷଣା କରିଛନ୍ତି।

ୱାଶିଂଟନ ନେତୃତ୍ୱାଧୀନ ଶାନ୍ତି ବୋର୍ଡର ଗଠନ ଗାଜାରେ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ପଦକ୍ଷେପ ବୋଲି ଆମେରିକା କହୁଛି। ପର୍ଯ୍ୟାୟକ୍ରମେ ଏହାକୁ ଅନ୍ତର୍ଜାତୀୟ ଦ୍ୱନ୍ଦ୍ୱର ସମାଧାନ ପାଇଁ ଏକ ସଂସ୍ଥା ଭାବେ ଆମେରିକା ଗଢ଼ିପାରେ। ଏହାକୁ ଜାତିସଂଘର ଏକ ବିକଳ୍ପ ସଂଗଠନ ରୂପେ ଛିଡ଼ା କରିବା ଆମେରିକାର ଲକ୍ଷ୍ୟ ବୋଲି କୁହାଯାଉଛି। ଯେଉଁଥିରେ କେବଳ ଆମେରିକାର ପ୍ରଭୁତ୍ୱ ରହିବ। ଏକଥାକୁ ଅନ୍ୟ ଦେଶମାନେ ଜାଣିସାରିବା ପରେ ବୋର୍ଡରେ ସାମିଲ ହେବାକୁ ଅମଙ୍ଗ ପ୍ରକାଶ କରୁଛନ୍ତି। ଭାରତକୁ ମଧ୍ୟ ଏଥିରେ ଯୋଗଦେବାକୁ ଆମେରିକା ଆମନ୍ତ୍ରଣ ଦିଆଯାଇଛି। ହେଲେ ଭାରତ ସରକାରଙ୍କ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ତେବେ ଟ୍ରମ୍ପଙ୍କ ଟାରିଫ ଘୋଷଣା ପରେ ଫ୍ରାନ୍ସ ପକ୍ଷରୁ କଡ଼ା ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଦେଶର ବିଦେଶ ନୀତୀକୁ ପ୍ରଭାବିତ କରିବା ଲକ୍ଷ୍ୟରେ ଯେଉଁ ଟାରିଫ୍ ଧମକ ଦିଆଯାଉଛି, ତାହା ଆଦୌ ଗ୍ରହଣୀୟ ନୁହେଁ ଓ ଏହା କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଫ୍ରାନ୍ସ କହିଛି। ସୋମବାର ସନ୍ଧ୍ୟାରେ ଟ୍ରମ୍ପଙ୍କ ପ୍ରେସ୍ ମିଟ୍ ସମୟରେ ମାକ୍ରୋନ ବୋର୍ଡ ଅଫ୍ ପିସ୍‌ରେ ଯୋଗଦେବେନାହିଁ ବୋଲି କହିଥିବା ରିପୋର୍ଟରମାନେ ଟ୍ରମ୍ପଙ୍କୁ ଜଣାଇଥିଲେ। ଏହାର ଜବାବରେ ଟ୍ରମ୍ପ କହିଥିଲେ ଖୁବ୍‌ଶୀଘ୍ର ଫ୍ରାନ୍ସର ମଦ ଓ ସାମ୍ପେନ ଉପରେ ୨୦୦% ଶୁଳ୍କ ଲଗାଇବେ।

### ସାଧାରଣତନ୍ତ୍ର ଦିବସରେ ଭାରତ-ଇୟୁ ଐତିହାସିକ ବାଣିଜ୍ୟ ଚୁକ୍ତି

# ହେବ ସମସ୍ତ ଚୁକ୍ତିର ଜନନୀ

ନୂଆଦିଲ୍ଲୀ,୨୦।୧(ଏଜେନ୍ସି): ଖୁବ୍ ଶୀଘ୍ର ଭାରତ-ଇୟୁ(ୟୁରୋପୀୟ ସଂଘ) ଐତିହାସିକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାକୁ ଯାଉଛି। ଏହି ଚୁକ୍ତି ଆସନ୍ତା ସାଧାରଣତନ୍ତ୍ର ଦିବସରେ କରାଯିବା ଆଶା କରାଯାଉଛି। ୟୁରୋପୀୟ ସଂଘର ସଭାପତି ଉର୍ସୁଲା ଭନ୍ ଡେର୍ ଲେଏନ୍ ମଙ୍ଗଳବାର କହିଛନ୍ତି ଯେ ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ଆସନ୍ତା ସପ୍ତାହର ଶିଖର ସମ୍ମିଳନୀରେ ଏକ ଐତିହାସିକ ବାଣିଜ୍ୟ ଚୁକ୍ତି ଘୋଷଣା କରିବାକୁ ନିକଟତର। ଏହା ବିଶ୍ୱ ଜିଡିପିର ଏକ ଚତୁର୍ଥାଂଶକୁ କଭର କରି ପ୍ରାୟ ୨ ବିଲିୟନ ବା ୨୦୦ କୋଟି ଲୋକଙ୍କ ଏକ ବଜାରକୁ ସଂଯୋଗ କରିବ। ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ଠାରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ବାର୍ଷିକ ବୈଠକରେ ଉର୍ସୁଲା ଭନ୍ ଡେର୍ ଲେଏନ୍ ଏହି ବିବୃତ୍ତି ଦେଇଛନ୍ତି। ସେ କହିଛନ୍ତି ଯେ ଭାରତ ଏବଂ ଇୟୁ ମଧ୍ୟରେ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଘୋଷଣା ଏକ ଐତିହାସିକ ସୁଯୋଗ ହେବ ଏବଂ ବିଶ୍ୱର ଦ୍ରୁତତମ ବୃଦ୍ଧି ପାଉଥିବା ବଜାର ସହିତ ୟୁରୋପକୁ ପ୍ରଥମ-ପ୍ରବର୍ତ୍ତକ ସୁବିଧା ପ୍ରଦାନ କରିବ। ସେ କହିଛନ୍ତି, ମୁଁ ଭାରତ ଗସ୍ତ କରିବାକୁ ଯାଉଛି। ଯଦିଓ କାମ ବାକି ଅଛି, ଆମେ ଏକ ଐତିହାସିକ ବାଣିଜ୍ୟ ଚୁକ୍ତିର ନିକଟତର। କେତେକ ଏହାକୁ ସମସ୍ତ ଚୁକ୍ତିର ଜନନୀ ବୋଲି ମଧ୍ୟ କହିଛନ୍ତି। ଏହା ଏକ ଚୁକ୍ତି ହେବ ଯାହା ପ୍ରାୟ ୨ ବିଲିୟନ ଲୋକଙ୍କର ଏକ ବଜାର ସୃଷ୍ଟି କରିବ, ଯାହା ବିଶ୍ୱ ଜିଡିପିର ପ୍ରାୟ ଏକ ଚତୁର୍ଥାଂଶ ହେବ।

ଉର୍ସୁଲା ଜାନୁଆରୀ ୨୫ ରୁ ୨୭ ପର୍ଯ୍ୟନ୍ତ ଭାରତ ଗସ୍ତରେ ଆସିବେ, ତାଙ୍କ ସହିତ ୟୁରୋପୀୟ ପରିଷଦର ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ମଧ୍ୟ ରହିବେ। ଉଭୟ ନେତା ଗଣତନ୍ତ୍ର ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଶିଖର ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଏଫ୍‌ଟିଏ ବ୍ୟତୀତ ଉଭୟ ପକ୍ଷ ଏକ ପ୍ରତିରକ୍ଷା ଭିତ୍ତିଭୂମି ଚୁକ୍ତିନାମା ଏବଂ ୨୦୨୬-୩୦ ପାଇଁ ଏକ ରଣନୈତିକ କାର୍ଯ୍ୟସୂଚୀ ସମାପ୍ତ କରିବାକୁ



ଯୋଜନା କରିଛନ୍ତି। ପ୍ରସ୍ତାବିତ ସୁରକ୍ଷା ଏବଂ ପ୍ରତିରକ୍ଷା ସହଭାଗିତା (ଏସ୍‌ଡିପି) ଦୁଇ ପକ୍ଷ ମଧ୍ୟରେ ଗଭୀର ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗକୁ ସକ୍ଷମ କରିବ ଏବଂ ଭାରତୀୟ କମ୍ପାନୀଗୁଡ଼ିକୁ ଇୟୁର ୟୁରୋପ ପାଇଁ ସୁରକ୍ଷା କାର୍ଯ୍ୟ (ସେଫ୍) କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରିବ। ବିଶ୍ୱ ଭୂ-ରାଜନୈତିକ ଆହ୍ୱାନ ବିଷୟରେ ଉଲ୍ଲେଖ କରି ଉର୍ସୁଲା ଭନ୍ ଡେର୍ ଲେଏନ୍ କହିଛନ୍ତି ଯେ ରୁଷ-ୟୁକ୍ରେନ ଯୁଦ୍ଧ, ଶକ୍ତି ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରତିଯୋଗିତା ଭଳି ପ୍ରସଙ୍ଗଗୁଡ଼ିକ ଇୟୁ ପ୍ରାଥମିକତା। ସେ କହିଛନ୍ତି ଯେ ୟୁରୋପ ଶକ୍ତି, କଞ୍ଚାମାଲ, ପ୍ରତିରକ୍ଷା ଏବଂ ଡିଜିଟାଲ୍ କ୍ଷେତ୍ରରେ ଦ୍ରୁତ ଗତିରେ ଅଗ୍ରଗତି କରିଛି ଏବଂ ଏବେ ସ୍ଥାୟୀ ପରିବର୍ତ୍ତନକୁ ଗ୍ରହଣ କରି ସୁଯୋଗକୁ ହାତଛଡ଼ା କରିବାକୁ ପଡିବ। ଭାରତ ଏବଂ ଇୟୁ ୨୦୦୪ରୁ ରଣନୈତିକ ଅଂଶୀଦାର ଅଛନ୍ତି। ଦୁଇ ଦେଶ ମଧ୍ୟରେ ଏଫ୍‌ଟିଏ ଉପରେ ଆଲୋଚନା ପ୍ରଥମେ ୨୦୦୭ରେ ଆରମ୍ଭ ହୋଇଥିଲା କିନ୍ତୁ ୨୦୧୩ ମସିହାରେ ବନ୍ଦ ହୋଇଯାଇଥିଲା। ଜୁନ୍ ୨୦୨୨ ରେ ଆଲୋଚନା ପୁଣି ଆରମ୍ଭ ହୋଇଥିଲା। ଉଭୟ ପକ୍ଷ ବର୍ତ୍ତମାନ ବାଣିଜ୍ୟ, ନିବେଶ, ପ୍ରତିରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ନେଇ ଏକ ବ୍ୟାପକ ଚୁକ୍ତିନାମା ଉପରେ ସହମତି ହାସଲ କରିବାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛନ୍ତି।

### ଟ୍ରମ୍ପ୍‌ଙ୍କୁ ବଡ଼ ଧକ୍କା

ଇୟୁ ରାଷ୍ଟ୍ରପତି ଉର୍ସୁଲା ଭନ୍ ଡେର୍ ଲେଏନ୍ ଙ୍କ ବୟାନ ଏପରି ସମୟରେ ଆସିଛି ଯେତେବେଳେ ଭାରତ ଆମେରିକା ଦ୍ୱାରା ଲାଗୁ ଉଚ୍ଚ ଶୁଳ୍କ ସାମ୍ନା କରୁଛି। ଏହା ବ୍ୟତୀତ, ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ତଥାପି, ଟ୍ରମ୍ପ ବାରମ୍ବାର ସୂଚାଇ ଦେଇଛନ୍ତି ଯେ ଭାରତ ସହିତ ବାଣିଜ୍ୟ ଚୁକ୍ତିର ସମସ୍ୟା ଶୀଘ୍ର ସମାଧାନ ହେବ। ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଫଳସ୍ୱରୂପ, ୟୁରୋପୀୟ ସଂଘ ସହିତ ବାଣିଜ୍ୟ ଚୁକ୍ତି ତାଙ୍କର ଯୋଜନାକୁ ପଣ୍ଡ କରିଦେଇଛି।

## ବଢ଼ୁଛି ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର ଚାହିଦା

ନୂଆଦିଲ୍ଲୀ, ୨୦।୧(ଏଜେନ୍ସି): କାମାକ୍ଷା (କେୱାଇକ୍ୟୁ) ଏବଂ ହାଓଡ଼ା (ଏଚଡବ୍ଲୁଏଚ୍) ମଧ୍ୟରେ ବନ୍ଦେ ଭାରତ ସ୍ଲିପର ଟ୍ରେନର ପ୍ରଥମ ବାଣିଜ୍ୟିକ ଚଳାଚଳ ଆରମ୍ଭ ହୋଇଛି। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ପିଆରଏସ ଏବଂ ଅନ୍ୟ ସାଇଟ୍ ଜରିଆରେ ସଂରକ୍ଷିତ ଟିକେଟ୍ ବୁକିଂ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ସବୁ ସିଟ୍ ବୁକିଂ ହୋଇଯାଇଛି। ସିଟ୍ ଗୁଡ଼ିକ ଏତେ ଶୀଘ୍ର ବୁକିଂ ହେବା ଦ୍ୱାରା ଯାତ୍ରୀମାନଙ୍କ ମଧ୍ୟରେ ଏହି ଟ୍ରେନକୁ ନେଇ ରହିଥିବା ଉତ୍ସୁକତା ସ୍ପଷ୍ଟ ହୋଇଛି। ଜାନୁଆରୀ ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବନ୍ଦେ ଭାରତ ସ୍ଲିପର ଟ୍ରେନ ଚଳାଚଳକୁ ଶୁଭାରମ୍ଭ କରିଥିଲେ। ଦ୍ରୁତ ଗତି, ଆରାମଦାୟକ ଯାତ୍ରା ଏବଂ ଆଧୁନିକ ସୁବିଧାର ଅନୁଭୂତି ହାସଲ କରିବା ଲାଗି ରେଳ ଯାତ୍ରୀମାନେ ଏହି ଟ୍ରେନକୁ ଅଧିକ ପସନ୍ଦ କରିଛନ୍ତି। ଏହି ନୂତନ ଟ୍ରେନ୍ ସେବା ପାଇଁ ଟିକେଟ୍ ବୁକିଂ ଜାନୁଆରୀ ୧୯ ସକାଳ ୮ ଟାରେ ଆରମ୍ଭ ହୋଇଥିଲା। ୨୪ ଘଣ୍ଟାରୁ କମ୍ ସମୟ ମଧ୍ୟରେ ସମସ୍ତ ଶ୍ରେଣୀର ଟିକଟ୍ ବିକ୍ରି ସରିଯାଇଥିଲା। ଏଥିରୁ ଏହି ପ୍ରିମିୟମ୍ ସେମି-ହାଇ-ସ୍ପିଡ୍ ରେଳ ସେବା ପ୍ରତି ଜନସାଧାରଣଙ୍କ ପ୍ରବଳ ଉତ୍ସାହକୁ ପ୍ରତିଫଳିତ ହୋଇଥାଏ। ବନ୍ଦେ ଭାରତ ସ୍ଲିପର ଟ୍ରେନର ପ୍ରଥମ ବାଣିଜ୍ୟିକ ଯାତ୍ରାକୁ ମିଳିଥିବା ଉତ୍ସାହଜନକ ପ୍ରତିକ୍ରିୟା ସ୍ପଷ୍ଟ ଭାବରେ ଦ୍ରୁତ, ସୁରକ୍ଷିତ ଏବଂ ଅଧିକ ଆରାମଦାୟକ ରେଳ ଯାତ୍ରା ବିକଳ୍ପ ପ୍ରତି ଯାତ୍ରୀମାନଙ୍କର ବଢ଼ୁଥିବା ଆଗ୍ରହକୁ ପ୍ରତିଫଳିତ କରେ।

## ଫୋନ୍ ପେ'ର ୧୨ ହଜାର କୋଟିର ଆଇପିଓକୁ ସେବିର ଅନୁମୋଦନ

ନୂଆଦିଲ୍ଲୀ,୨୦।୧(ଏଜେନ୍ସି): ଡିଜିଟାଲ୍ ପେମେଣ୍ଟ ଏବଂ ୟୁପିଆଇ ବଜାରର ସର୍ବବୃହତ କମ୍ପାନୀ ଫୋନ୍ ପେ' ଖୁବ୍ ଶୀଘ୍ର ଏହାର ପ୍ରାରମ୍ଭିକ ପବ୍ଲିକ୍ ଅଫର(ଆଇପିଓ) ଆଣିବାକୁ ଯାଉଛି। କମ୍ପାନୀକୁ ପୁଞ୍ଜି ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଠାରୁ ଅନୁମୋଦନ ମିଳିଛି। ଏହି ଅନୁମୋଦନ ପରେ କମ୍ପାନୀ ଖୁବ୍ ଶୀଘ୍ର ଏହାର ଅପଡେଟ୍ ଚିଠା ପେପର୍ ଦାଖଲ କରିବ। ଏହି ଆଇପିଓ ପ୍ରାୟ ୧୨,୦୦୦ କୋଟି ଟଙ୍କା ମୂଲ୍ୟର ହୋଇପାରେ। କମ୍ପାନୀର ମୋଟ ମୂଲ୍ୟାଙ୍କନ ୧୫ ବିଲିୟନ ଡଲାର (ପ୍ରାୟ ୧.୩୩ ଲକ୍ଷ କୋଟି ଟଙ୍କା) ଆକଳନ କରାଯାଇଛି। ଫୋନ୍ ପେ' ସମ୍ପୂର୍ଣ୍ଣ ଭାବରେ ଏକ ଅଫର୍ ଫର ସେୟାର ମାଧ୍ୟମରେ ବଜାରରେ ପ୍ରବେଶ କରିବ।

### ଜାତୀୟ କରାଟେ ଚାମ୍ପିଅନସିପ୍

## ବେଦାନ୍ତ ଝାରସୁଗୁଡା ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରର ଖେଳାଳିଙ୍କ ରେକର୍ଡ

ଭୁବନେଶ୍ୱର, ୨୦।୧ (ସମିସ): ବେଦାନ୍ତ ଆଲୁମିନିୟମ୍ ନୂଆଦିଲ୍ଲୀରେ ଜାତୀୟ କରାଟେ ଫେଡେରେସନ ଦ୍ୱାରା ଆୟୋଜିତ ଜାତୀୟ କରାଟେ ଚାମ୍ପିଅନସିପ୍ ୨୦୨୫ ରେ ଏହାର ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରର ଯୁବ ଖେଳାଳିମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଦେଶର କିଛି ଉତ୍କୃଷ୍ଟ ମାର୍ଶାଲ ଆର୍ଟିଷ୍ଟଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରି, ଝାରସୁଗୁଡାର ଦଳ ବିଭିନ୍ନ ବର୍ଗରେ ପ୍ରଭାବଶାଳୀ ପଦକ ହାସଲ କରିଛନ୍ତି। ବେଦାନ୍ତ ଝାରସୁଗୁଡାର ସମ୍ପ୍ରଦାୟ କ୍ରୀଡା ପଦକ୍ଷେପ ଅଧୀନରେ ତାଲିମପ୍ରାପ୍ତ ଖେଳାଳିମାନେ ଉଲ୍ଲେଖନୀୟ ଦକ୍ଷତା, ଶୃଙ୍ଖଳା ଏବଂ ଦୃଢ଼ତା ପ୍ରଦର୍ଶନ କରିଥିଲେ।

ରେଚ୍ଚି କମଲେଶ ପ୍ରଧାନ ୯ ବର୍ଷରୁ କମ୍ ବର୍ଗରେ କୁମିତେରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୭ ବର୍ଷରୁ କମ୍ ବର୍ଗରେ ମୁକ୍ତିକାନ୍ତ ନାୟକ କାଟାରେ ରୌପ୍ୟ ଏବଂ କୁମିତେରେ କାଂସ୍ୟ ପଦକ ହାସଲ କରିଥିଲେ, ଯେତେବେଳେ କି ଓମ୍ କୁମାର ଗୁପ୍ତା ୧୯ ବର୍ଷରୁ କମ୍ ବର୍ଗରେ କାଟାରେ ସ୍ୱର୍ଣ୍ଣ ଏବଂ କୁମିତେରେ କାଂସ୍ୟ ପଦକ ହାସଲ କରିଥିଲେ। ଏହି ସଫଳତା ଉପରେ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ବେଦାନ୍ତ ଝାରସୁଗୁଡାରେ, ଆମେ ଆମର କାର୍ଯ୍ୟ କ୍ଷେତ୍ରରେ ସ୍ଥାୟୀ ସମ୍ପ୍ରଦାୟ ବିକାଶ ହାସଲ କରିବା ପାଇଁ ଦୃଢ଼ ପ୍ରତିବଦ୍ଧ, ଏବଂ ତୃଣମୂଳ ସ୍ତରୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏହି ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ।

# ଏସିଆ ମାନୁଫାକ୍ଚରିଂ ଇଣ୍ଡେକ୍ସ ୨୦୨୬; ଷଷ୍ଠ ସ୍ଥାନରେ ଭାରତ

- ଭିତ୍ତିଭୂମି ଓ ଟିକସ ବ୍ୟବସ୍ଥାରେ ସଂସ୍କାର ଜରୁରୀ
- ଚୀନ୍ ପ୍ରଥମ ସ୍ଥାନରେ

ନୂଆଦିଲ୍ଲୀ, ୨୦।୧ (ଏଜେନ୍ସି): ଏସିଆର ଉତ୍ପାଦନ ହବ୍ ଭାବରେ ଉଭା ହେବା ପାଇଁ ଭାରତର ପ୍ରୟାସକୁ ସାମାନ୍ୟ ପ୍ରତିକ୍ରିୟା ମିଳିଛି। ଏସିଆ ଉତ୍ପାଦନ ସୂଚକାଙ୍କ (ଏଏମ୍‌ଆଇ) ୨୦୨୬ ରିପୋର୍ଟରେ ୧୧ ପ୍ରମୁଖ ଏସୀୟ ଦେଶ ମଧ୍ୟରୁ ଭାରତ ଷଷ୍ଠ ସ୍ଥାନରେ ରହିଛି। ୨୦୨୪ ରିପୋର୍ଟରେ ଭାରତ ୮ ଟି ଦେଶ ମଧ୍ୟରୁ ୪ ର୍ଥ ସ୍ଥାନରେ ରହିଛି, କିନ୍ତୁ ଗତ ବର୍ଷଠାରୁ ଏହା ୬ତମ ସ୍ଥାନରେ ସ୍ଥିର ଥିଲା। ରିପୋର୍ଟ ଅନୁଯାୟୀ, ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ହେବା ପାଇଁ ଭାରତକୁ ଏହାର ଭିତ୍ତିଭୂମି ଏବଂ ଟିକସ ନିୟମାବଳୀକୁ ଆହୁରି ଉନ୍ନତ କରିବାକୁ ପଡିବ।

ସୂଚକାଙ୍କ ଅନୁଯାୟୀ, ଏସିଆରେ ଉତ୍ପାଦନ ପାଇଁ ଚୀନ୍ ବିଶ୍ୱର ଶ୍ରେଷ୍ଠ ପସନ୍ଦ। ମାଲେସିଆ ଏଥର ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଭିଏତ୍‌ନାମ୍‌କୁ ପଛରେ ପକାଇ ମାଲେସିଆ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭିଏତ୍‌ନାମ ତୃତୀୟ, ସିଙ୍ଗାପୁର ଚତୁର୍ଥ ଏବଂ ଦକ୍ଷିଣ କୋରିଆ ୫ମ ସ୍ଥାନରେ ଅଛି। ଭାରତ ଏହି ଦେଶଗୁଡ଼ିକ ପଛକୁ ଷଷ୍ଠ ସ୍ଥାନରେ ରହିଛି, ଯେତେବେଳେକି ଇଣ୍ଡୋନେସିଆ ସପ୍ତମ ଏବଂ ଥାଇଲ୍ୟାଣ୍ଡ ୮ମ ସ୍ଥାନରେ ଅଛି। ଡେଜାନ ଶିରା ଏବଂ ଆସୋସିଏଟ୍ସ ଦ୍ୱାରା ପ୍ରକାଶିତ ଏହି ରିପୋର୍ଟରେ ୮ ଟି ପ୍ରମୁଖ ମାନଦଣ୍ଡ ଉପରେ ଏକ ଦେଶର ଉତ୍ପାଦନ କ୍ଷମତା ମୂଲ୍ୟାଙ୍କନ କରାଯାଏ। ସେଗୁଡିକ ହେଉଛି, ଅର୍ଥନୀତି, ରାଜନୈତିକ ବିପଦ, ବ୍ୟବସାୟିକ ପରିବେଶ, ଅନ୍ତର୍ଜାତୀୟ ବାଣିଜ୍ୟ, ଟିକସ ନୀତି, ଭିତ୍ତିଭୂମି, ଶ୍ରମଶକ୍ତି ଏବଂ ପରିବେଶ-ସାମାଜିକ-ଶାସନ। ଭାରତର ବିପୁଳ କାର୍ଯ୍ୟବଳ (ଶ୍ରମ ଉପଲବ୍ଧତା) ଏବଂ ବର୍ଦ୍ଧିତ ଘରୋଇ ବଜାର ଏହାର ସବୁଠାରୁ ବଡ଼ ଶକ୍ତି। ପିଏଲ୍‌ଆଇ ଯୋଜନା ପରି ସରକାରୀ ନୀତିଗୁଡ଼ିକ ଇଲେକ୍ଟ୍ରୋନିକ୍ସ ଏବଂ ଔଷଧ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ଆଗେଇ ନେଉଛି। ତେବେ ଏଥିରେ ଭାରତରେ ଦୁର୍ବଳତା ହେଉଛି,



ଭିତ୍ତିଭୂମି ଦୃଷ୍ଟିରୁ ଭାରତ ଏବେ ବି ସିଙ୍ଗାପୁର ଏବଂ ଚୀନ ପରି ଦେଶଠାରୁ ବହୁତ ପଛରେ ଅଛି। ଏହାବ୍ୟତୀତ, ଭାରତ ଦୁର୍ନୀତି ଏବଂ ସଂସ୍ଥାଗତ ସ୍ଥିରତା ପ୍ରତି ଧାରଣାରେ କମ୍ ସ୍କୋର କରିଛି। ଟିକସ ନୀତି ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବା ଭାରତ ପାଇଁ ଏକ ପ୍ରମୁଖ ଆହ୍ୱାନ।

ରିପୋର୍ଟରେ କୁହାଯାଇଛି ଯେ ଦୁର୍ନୀତି ଦୃଷ୍ଟିରୁ ଭାରତ ଏହାର ୬ଟି ପ୍ରତିଯୋଗୀଙ୍କ ପଛରେ ଅଛି। ଏହି କ୍ଷେତ୍ରରେ ସିଙ୍ଗାପୁରକୁ ସବୁଠାରୁ ସ୍ୱଚ୍ଛ ଏବଂ ସୁରକ୍ଷିତ ବୋଲି ବିବେଚନା କରାଯାଏ। ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ଭାରତକୁ "ମେକ୍ ଇନ୍ ଇଣ୍ଡିଆ" ପଦକ୍ଷେପକୁ ସମ୍ପୂର୍ଣ୍ଣ ଭାବରେ ହାସଲ କରିବାକୁ ହୁଏ, ତେବେ ଏହାକୁ ଏହାର ନିୟାମକ ପ୍ରକ୍ରିୟାକୁ ସରଳ କରିବାକୁ ପଡିବ। ଭାରତ ଆର୍ଥିକ ବର୍ଷ ୨୦୨୬ ସୁଦ୍ଧା ୧ଟ୍ରିଲିୟନ ଡଲାରର ଉତ୍ପାଦନ ଅର୍ଥନୀତି ହେବାକୁ ଲକ୍ଷ୍ୟ ରଖିଛି। ରିପୋର୍ଟରେ ପରାମର୍ଶ ଦିଆଯାଇଛି ଯେ ଭାରତ କେବଳ ଶ୍ରମିକ ଉପଲବ୍ଧତା ଉପରେ ନିର୍ଭର କରିବା ପରିବର୍ତ୍ତେ ଦକ୍ଷତା ବିକାଶ ଏବଂ ଡିଜିଟାଲ୍ ଭିତ୍ତିଭୂମି ଉପରେ ଧ୍ୟାନ ଦେବା ଉଚିତ। ଯଦି ଭାରତ ଏହାର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରେ, ତେବେ ଏହା ଆଗାମୀ କିଛି ବର୍ଷ ମଧ୍ୟରେ ଭିଏତନାମ ଏବଂ ମାଲେସିଆକୁ ପ୍ରତିଦ୍ୱନ୍ଦ୍ୱିତା କରିପାରିବ।

